ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଜ୍ଞାନ ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି
(ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)

**ପତ୍ର ସଂ–୭୭/୨୦୨୬ ସପ୍ତାହ-୩୮ ଶୁକ୍ରବାର, ତାରିଖ-୨୫.୦୯.୨୦୨୬**

## ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ) | ୧୨୯୫.୪/୭୨ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୧୫୯.୨/୦୫ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା (°C) | ୩୦.୭ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା (°C) | ୨୪.୨ |

## କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (°ସେ.) | ସର୍ବନିମ୍ନ ତାପମାତ୍ରା (°ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| କଳାହାଣ୍ଡି | ୨୬-୦୯-୨୦୨୬ | ୨୫ | ୨୮ | ୨୪ | ୭ | ୯୨ | ୮୦ | ୧୭ | ୧୯୭ |
| | ୨୭-୦୯-୨୦୨୬ | ୧୦ | ୨୯ | ୨୪ | ୬ | ୯୩ | ୭୭ | ୧୮ | ୨୧୨ |
| | ୨୮-୦୯-୨୦୨୬ | ୫ | ୩୦ | ୨୫ | ୫ | ୯୪ | ୭୦ | ୬ | ୨୦୮ |
| | ୨୯-୦୯-୨୦୨୬ | ୫ | ୩୦ | ୨୫ | ୪ | ୯୪ | ୭୧ | ୪ | ୨୧୪ |
| | ୩୦-୦୯-୨୦୨୬ | ୪ | ୩୦ | ୨୫ | ୪ | ୯୨ | ୫୭ | ୩ | ୨୨୦ |

**ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

**ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା**

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଜିଲ୍ଲାରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା (୪ ରୁ ୨୫ ମିଲିମିଟର/ଦିନ) ହେବାର ସମ୍ଭାବନା ରହିଛି, ଏବଂ ୨୮ ସେପ୍ଟେମ୍ବରଠାରୁ ବର୍ଷାର ପରିମାଣ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଆଗାମୀ ତିନି ଦିନ ପର୍ଯ୍ୟନ୍ତ ଆକାଶ ସାଧାରଣତଃ ମେଘାଚ୍ଛନ୍ନ ରହିବ, ଏହା ପରେ ପରବର୍ତ୍ତୀ ଦୁଇ ଦିନ ଆଂଶିକ ମେଘୁଆ ରହିବାର ସମ୍ଭାବନା ରହିଛି। ଏହି ଦିନଗୁଡ଼ିକରେ ଦକ୍ଷିଣ ରୁ ଦକ୍ଷିଣ ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ୩ ରୁ ୧୭ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୨୮ ରୁ ୩୦ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବାକୁ ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୪ ରୁ ୨୫ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବାର ସମ୍ଭାବନା ରହିଛି। ସକାଳ ସମୟରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୯୨ ରୁ ୯୪ ପ୍ରତିଶତ ଏବଂ ଅପରାହ୍ଣ ସମୟରେ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୫୭ ରୁ ୮୦ ପ୍ରତିଶତ ମଧ୍ୟରେ ରହିବାର ପୂର୍ବାନୁମାନ ରହିଛି ।

**ବର୍ତ୍ତମାନର ପାଣିପାଗ ସ୍ଥିତି:** ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଦକ୍ଷିଣ ଛତିଶଗଡ଼ ଉପରେ ଥିବା ଅବପାତ, ଗତ ୦୬ ଘଣ୍ଟା ମଧ୍ୟରେ ୧୫ କିମି/ଘଣ୍ଟା ବେଗରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି, ଆଜି ୨୫ ସେପ୍ଟେମ୍ବର ୨୦୨୬, ସକାଳ ୦୮:୩୦ IST ରେ ଦକ୍ଷିଣ ଛତିଶଗଡ଼ ଏବଂ ସଂଲଗ୍ନ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଉପରେ କେନ୍ଦ୍ରୀଭୂତ ହୋଇ ରହିଛି, ଏହାର ଅକ୍ଷାଂଶ ୨୦.୯° ଉତ୍ତର ଏବଂ ଦ୍ରାଘିମା ୮୨.୪° ପୂର୍ବ ନିକଟରେ, ଯାହା ନୂଆପଡ଼ା (ଓଡ଼ିଶା) ର ଉତ୍ତର-ଉତ୍ତରପଶ୍ଚିମ ନିକଟରେ ଏବଂ ରାୟପୁର (ଛତିଶଗଡ଼) ର ପୂର୍ବ-ଦକ୍ଷିଣପୂର୍ବରୁ ପ୍ରାୟ ୮୦ କିମି, ଚମ୍ପା (ଛତିଶଗଡ଼) ର ଦକ୍ଷିଣ-ଦକ୍ଷିଣପଶ୍ଚିମରୁ ୧୩୦ କିମି ଏବଂ ବିଲାସପୁର (ଛତିଶଗଡ଼) ର ଦକ୍ଷିଣରୁ ୧୪୦ କିମି ଦୂରରେ ରହିଛି।ଏହା ପରବର୍ତ୍ତୀ ୧୨ ଘଣ୍ଟା ପର୍ଯ୍ୟନ୍ତ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ଅଛି ଏବଂ ଅବପାତ ର ତୀବ୍ରତା ବଜାୟ ରଖିବ ଏବଂ ପରବର୍ତ୍ତୀ ୧୨ ଘଣ୍ଟା ମଧ୍ୟରେ ଏକ ସୁସ୍ପଷ୍ଟ ଲଘୁଚାପ କ୍ଷେତ୍ରରେ ଦୁର୍ବଳ ହୋଇଯିବାର ସମ୍ଭାବନା ଅଛି।

**ଚେତାବନୀ : ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ଏବଂ ବଜ୍ରପାତ ସହିତ ଘଣ୍ଟାପ୍ରତି ୪୦ ରୁ ୫୦ କି.ମି ବେଗରେ ଝଟକା ପବନ ବହିବାର ସମ୍ଭାବନା (୨୬.୦୯.୨୦୨୬ ସକାଳ ୦୮:୩୦ ପର୍ଯ୍ୟନ୍ତ ବୈଧ)।**

## ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ପ୍ରସ୍ତୁତ ଓଡ଼ିଶାରେ ଆଗାମୀ ଦୁଇ ସପ୍ତାହ ପାଇଁ ପାଣିପାଗ ପୂର୍ବାନୁମାନ:

- **ପ୍ରଥମ ସପ୍ତାହ (୨୫ ସେପ୍ଟେମ୍ବର ରୁ ୦୧ ଅକ୍ଟୋବର , ୨୦୨୬):** ପ୍ରଥମ ସପ୍ତାହର ପ୍ରଥମାର୍ଦ୍ଧରେ ଓଡ଼ିଶାରେ ଅନେକ ସ୍ଥାନରେ ବୃଷ୍ଟିପାତ ସହ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ଏବଂ ଦ୍ୱିତୀୟାର୍ଦ୍ଧରେ ସ୍ୱଳ୍ପରୁ ମଧ୍ୟମ ଧରଣର ବିକ୍ଷିପ୍ତ ବର୍ଷା ହୋଇପାରେ। ସାମଗ୍ରିକ ଭାବେ, ପ୍ରଥମ ସପ୍ତାହରେ ଓଡ଼ିଶାରେ ମୋଟ ବୃଷ୍ଟିପାତ ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକ ରହିବାର ସମ୍ଭାବନା ଅଛି।

  **ପ୍ରଥମ ସପ୍ତାହ ମଧ୍ୟରେ ପୂର୍ବ ଭାରତ ଏବଂ ଶ୍ରୀଲଙ୍କା ନିକଟସ୍ଥ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ବାତ୍ୟା ସୃଷ୍ଟି ହେବାର ଅଧିକ ସମ୍ଭାବନା ରହିଛି।**
- **ଦ୍ୱିତୀୟ ସପ୍ତାହ (୦୨ ଅକ୍ଟୋବର ରୁ ୦୮ ଅକ୍ଟୋବର , ୨୦୨୬):** ଦ୍ୱିତୀୟ ସପ୍ତାହ ରେ ବିକ୍ଷିପ୍ତ ବର୍ଷା ହେବାର ସମ୍ଭାବନା ରହିଛି। ସାମଗ୍ରିକ ଭାବେ, ଦ୍ୱିତୀୟ ସପ୍ତାହରେ ଓଡ଼ିଶାରେ ମୋଟ ବୃଷ୍ଟିପାତ ସ୍ୱାଭାବିକଠାରୁ କମ୍ ରହିବାର ସମ୍ଭାବନା ଅଛି।

## କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

**ସାଧାରଣ ପରାମର୍ଶ**

- ନିକଟରେ ହୋଇଥିବା ବର୍ଷା ଏବଂ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ହେବାକୁ ଥିବା ସମ୍ଭାବ୍ୟ ବୃଷ୍ଟିପାତକୁ ଦୃଷ୍ଟିରେ ରଖି, ଜମିର ମୁଖ୍ୟ କାର୍ଯ୍ୟଗୁଡ଼ିକୁ ଏଡ଼ାଇବା ସହ ବର୍ଷା ନକମିବା ଏବଂ ପାଗ ଅନୁକୂଳ ନହେବା ପର୍ଯ୍ୟନ୍ତ ସାର ଓ କୀଟନାଶକ ପ୍ରୟୋଗକୁ ସ୍ଥଗିତ ରଖନ୍ତୁ।

- କପା, ମକା, ଡାଲି ଜାତୀୟ ଫସଲ, ଆଖୁ ଏବଂ ପନିପରିବା ଭଳି ଛିଡ଼ା ଫସଲରେ ଅତିରିକ୍ତ ବର୍ଷାଜଳର ଶୀଘ୍ର ନିଷ୍କାସନ ଏବଂ ଦୀର୍ଘସମୟ ପର୍ଯ୍ୟନ୍ତ ଜଳବନ୍ଦୀ ସମସ୍ୟା ହ୍ରାସ କରିବା ପାଇଁ ଜଳ ନିଷ୍କାସନ ନାଳିଗୁଡ଼ିକୁ ଅବରୋଧମୁକ୍ତ ଓ ଖୋଲା ରଖନ୍ତୁ।
- ବର୍ଷା ପ୍ରଭାବିତ ଏବଂ କ୍ଷତିଗ୍ରସ୍ତ ନୂତନ ଫଳ ଚାରା ଓ ପନିପରିବା ଗଛଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ବାଉଁଶ ଖୁଣ୍ଟି ଦେଇ ଢେରା ଦିଅନ୍ତୁ, ଯାହା ଦ୍ୱାରା ଗଛ ଭାଙ୍ଗିଯିବା କିମ୍ବା ଢଳିପଡ଼ିବାରୁ ରକ୍ଷା ପାଇପାରିବ।
- ବର୍ଷା ଏବଂ ଘଡ଼ଘଡ଼ି/ବଜ୍ରପାତ ସମୟରେ ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳରେ ରଖନ୍ତୁ।

| ସଂକ୍ଷିପ୍ତ ବାର୍ତା | | ▪ ସ୍ୱଳ୍ପ ଅବଧି ବିଶିଷ୍ଟ ଧାନ ପାଚିଲା ଅବସ୍ଥାରେ ଥିଲେ, ବର୍ଷା ଛାଡ଼ିବା ପରେ ଅମଳ ହେବାକୁ ଥିବା ଧାନ, କ୍ଷେତରେ ଗଜା ହେବା ସମ୍ଭାବନାକୁ ଏଡ଼ାଇବା ପାଇଁ ୨% ଲୁଣ ପାଣି ଦ୍ରବଣ (ଏକ ଲିଟର ପାଣିରେ ୨୦ ଗ୍ରାମ୍ ଲୁଣ) ସିଞ୍ଚନ କରନ୍ତୁ। |
|---|---|---|
| **ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ** | | |
| **ଫସଲ ର ନାମ** | **ଫସଲ ଅବସ୍ଥା** | **ପରାମର୍ଶ** |
| **କ୍ଷେତ୍ର ଫସଲ** | | |
| **ଖରିଫ ଧାନ** | **ପିଲ ବାହାରିବା ରୁ ଥୋଡ଼ ବାହାରିବା ଅବସ୍ଥା** | ▪ ପ୍ରବଳ ବର୍ଷା ପରେ ଧାନରେ ଗନ୍ଧି ପୋକ, କେଣ୍ଡା ଅଷ୍ଟପଦୀ , କେଣ୍ଡାକଟା ପୋକ, ମାଟିଆଗୁଣ୍ଡି/ଚକଡ଼ା ପୋକ ଏବଂ ମୂଳ ସଢ଼ା, ପତ୍ରାଚ୍ଛାଦ ସଢ଼ା, ପତ୍ରାଚ୍ଛାଦ ପୋଡ଼ା ଓ ମହିଷା ରୋଗ ଦେଖାଦେଇପାରେ। ଲକ୍ଷଣ ଦେଖି ଚାଷୀଭାଇମାନେ ସତର୍କ ରହିବା ସହିତ କୃଷି ଅଧିକାରୀଙ୍କ ପରାମର୍ଶ ଅନୁସାରେ ଉପଯୁକ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରନ୍ତୁ।<br>▪ ସ୍ୱଳ୍ପ ଅବଧି ବିଶିଷ୍ଟ ଧାନ ପାଚିଲା ଅବସ୍ଥାରେ ଥିଲେ, ବର୍ଷା ଛାଡ଼ିବା ପରେ ଅମଳ ହେବାକୁ ଥିବା ଧାନ, କ୍ଷେତରେ ଗଜା ହେବା ସମ୍ଭାବନାକୁ ଏଡ଼ାଇବା ପାଇଁ ୨% ଲୁଣ ପାଣି ଦ୍ରବଣ (ଏକ ଲିଟର ପାଣିରେ ୨୦ ଗ୍ରାମ୍ ଲୁଣ) ସିଞ୍ଚନ କରନ୍ତୁ।<br>▪ ପତ୍ରାଚ୍ଛାଦ ପୋଡ଼ା ରୋଗ : ବର୍ତ୍ତମାନ ପାଗରେ ଏହି ରୋଗର ସମ୍ଭାବନା ଅଧିକ ରହିଛି । ଏହାର ପ୍ରତିକାର ପାଇଁ ଏକର ପିଛା ୨୦୦ ଲିଟର ପାଣିରେ ଟେବୁକୋନାଜୋଲ୍ ୫୦ % + ଟ୍ରାଇଫ୍ଲକ୍ସିଷ୍ଟ୍ରୋବିନ୍ ୨୫ % ଡବ୍ଲୁ .ଜି. ୮୦ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍୨୫ % ଇ.ସି କୁ ୨୦୦ ମିଲିଗ୍ରାମ ହିସାବରେ ମିଶାଇ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ । |
| **କପା** | **ଫୁଲ ରୁ ବକରା ବିକଶିତ ଅବସ୍ଥା** | ▪ ଜଳବନ୍ଦୀ ସମସ୍ୟାରୁ ରକ୍ଷା କରିବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ଏବଂ ପାଗ ଅନୁକୂଳ ନ ହେବା ପର୍ଯ୍ୟନ୍ତ କୀଟନାଶକ ସିଞ୍ଚନରୁ ନିବୃତ୍ତ ରୁହନ୍ତୁ।<br>▪ ଜଳବନ୍ଦୀ ଅଞ୍ଚଳରେ ଫସଲର ପତ୍ର ଲାଲିପଡ଼ିବା ସମସ୍ୟା କମାଇବା ପାଇଁ ୧୦ ଲିଟର ପାଣିରେ ୧୦୦ ଗ୍ରାମ୍ ମ୍ୟାଗ୍ନେସିୟମ୍ ସଲ୍ଫେଟ୍ ଏବଂ ୧୦୦ ଗ୍ରାମ୍ ୟୁରିଆ ମିଶାଇ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ।<br>▪ ପ୍ରବଳ ବର୍ଷା ଯୋଗୁଁ କପାରେ ହଟାତ ଝାଉଁଳା ରୋଗ ହୋଇପାରେ। ଅନୁକୂଳ ପାଗରେ ପ୍ରାରମ୍ଭିକ ଲକ୍ଷଣ ଦେଖାଯିବା ମାତ୍ରେ କିଛି ଘଣ୍ଟା ମଧ୍ୟରେ ଆକ୍ରାନ୍ତ ଗଛରେ ୧୦ ମିଲିଗ୍ରାମ କୋବାଲ୍ଟ କ୍ଲୋରାଇଡ୍ (୧୦ ପିପିଏମ୍) କୁ ୧ ଲିଟର ସିଞ୍ଚନ କରନ୍ତୁ କିମ୍ବା ୧ ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛ ମୂଳ ଓଦା କରନ୍ତୁ।<br>▪ |
| **ହରଡ଼** | **ଅଙ୍ଗୀୟ ଅବସ୍ଥା** | ▪ ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବର୍ଷାଜଳ ଯୋଗୁଁ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାକୁ ଏଡ଼ାଇବା ପାଇଁ ଉତ୍ତମ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ।<br>▪ ବର୍ଷା ଛାଡ଼ିଗଲା ପରେ ଝାଉଁଳା ରୋଗ ଦେଖା ଦେଇପାରେ। ତେଣୁ ଲକ୍ଷଣ ଦେଖାଦେଲେ ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧.୫ ଗ୍ରାମ ମେଟିରାମ୍ ୭୫% ଡବ୍ଲୁ.ଜି କୁ ମିଶ୍ରଣ କରି ଗଛ ମୂଳରେ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ। |
| **ଉଦ୍ୟାନ କୃଷି** | | |
| **ଫଳ ଓ ପନିପରିବା** | **ଅଙ୍ଗୀୟ ରୁ ଫଳ ଅବସ୍ଥା** | ▪ ବର୍ଷା ଯୋଗୁଁ ଗଛର କୋମଳ ଡାଳ/ଅଂଶରେ ସୃଷ୍ଟି ହୋଇଥିବା କ୍ଷତ ଦେଇ କବକ ଓ ଜୀବାଣୁଜନିତ ରୋଗ ସଂକ୍ରମଣ ରୋକିବା ପାଇଁ ପନିପରିବା ଫସଲରେ ୧ ଲିଟର ପାଣିରେ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ (Plantomycin) + ୨ ଗ୍ରାମ୍ (ମେଟାଲାକ୍ସିଲ୍ ୮% + ମ୍ୟାଙ୍କୋଜେବ୍ ୬୪% ଡବ୍ଲୁ.ପି.) ମିଶାଇ ଶୁଷ୍କ/ନିର୍ମଳ ପାଗରେ ସିଞ୍ଚନ କରନ୍ତୁ।<br>▪ ବର୍ଷା ଛାଡିଲା ପରେ ଫଳ ଓ ପନିପରିବା ଗଛର ଭଙ୍ଗା ଏବଂ କ୍ଷତିଗ୍ରସ୍ତ ଡାଳଗୁଡ଼ିକୁ କାଟି ଅଲଗା କରନ୍ତୁ। ଗଛର ସ୍ଥାୟିତ୍ୱ ଏବଂ ଚେରକୁ ମଜବୁତ କରିବା ପାଇଁ ମୂଳ ଭାଗରେ ମାଟି ଟେକି ଦିଅନ୍ତୁ ।<br>▪ ପ୍ରବଳ ବର୍ଷା ପରବର୍ତ୍ତୀ ସମୟରେ କୀଟପତଙ୍ଗ ଏବଂ ରୋଗ ପୋକର ପ୍ରାଦୁର୍ଭାବ ପ୍ରତି ବିଶେଷ ସତର୍କ ରୁହନ୍ତୁ। |
| **ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ** | | |
| **ଗାଈ ଓ ମଇଁଷି** | | ▪ ଗାଈ ଓ ମଇଁଷିଙ୍କୁ ଶୁଖିଲା ଓ ବାୟୁ ଚଳାଚଳ କରୁଥିବା ଗୁହାଳରେ ରଖନ୍ତୁ; ଶୁଖିଲା ଶଯ୍ୟା, ପରିଷ୍କାର ପାଣି ଓ ଭଲମାନର ଶୁଖିଲା ଖାଦ୍ୟ ଦିଅନ୍ତୁ ଏବଂ ପ୍ରବଳ ବର୍ଷା ଓ ପବନ ସମୟରେ ଚରାଇବାକୁ ନେବେ ନାହିଁ। ଦୀର୍ଘ ସମୟ ଓଦା ପରିବେଶ ଓ |

| | |
|---|---|
| | ଥଣ୍ଡା ପବନର ସଂସ୍ପର୍ଶ ଶ୍ୱାସଜନିତ ସଂକ୍ରମଣ, ମାଷ୍ଟାଇଟିସ୍ ଓ ଖୁରଜନିତ ସମସ୍ୟା ବଢ଼ାଇପାରେ; ତେଣୁ ଗୁହାଳ ଚାରିପାଖରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। |
| **ଛେଳି ଓ ମେଣ୍ଢା** | ▪ ମେଣ୍ଢା ଓ ଛେଳିଙ୍କୁ ଉଚ୍ଚ ଓ ଶୁଖିଲା ଆଶ୍ରୟସ୍ଥଳୀରେ ରଖନ୍ତୁ, ଯାହାଦ୍ୱାରା ଥଣ୍ଡାଜନିତ ସମସ୍ୟା, ନିମୋନିଆ ଓ ଖୁର ରୋଗକୁ ରୋକାଯାଇପାରିବ; ଖାଦ୍ୟକୁ ବର୍ଷାରୁ ସୁରକ୍ଷିତ ରଖନ୍ତୁ ଓ ଜଳମଗ୍ନ ସ୍ଥାନରେ ଚରାଇବେ ନାହିଁ। ଓଦା ଚଟାଣ ଓ ଦୀର୍ଘ ସମୟ ଆର୍ଦ୍ରତା ଯୋଗୁଁ ଫୁଟ୍ ରଟ୍, ଚର୍ମ ସଂକ୍ରମଣ ଓ ପରଜୀବୀଜନିତ ରୋଗବଢ଼ିପାରେ; ତେଣୁ ଶୁଖିଲା ଶଯ୍ୟା ଓ ପର୍ଯ୍ୟାପ୍ତ ବାୟୁ ଚଳାଚଳ ନିଶ୍ଚିତ କରନ୍ତୁ। |
| **କୁକୁଡ଼ା** | ▪ କୁକୁଡ଼ା ଘରକୁ ଶୁଖିଲା ଓ ପ୍ରବଳ ପବନରୁ ସୁରକ୍ଷିତ ରଖନ୍ତୁ, ବର୍ଷା ପାଣି ପଶିବା ଓ ଲିଟର ଓଦା ହେବାକୁ ରୋକନ୍ତୁ ଏବଂ ପକ୍ଷୀମାନଙ୍କ ଉପରେ ସିଧାସଳଖ ଥଣ୍ଡା ପବନ ନ ପଡ଼ିବା ସହ ପର୍ଯ୍ୟାପ୍ତ ବାୟୁ ଚଳାଚଳ ରଖନ୍ତୁ। ଅଧିକ ଆର୍ଦ୍ରତା ଓ ଓଦା ଲିଟରରେ ଆମୋନିଆ ବୃଦ୍ଧି ଯୋଗୁ ଶ୍ୱାସଜନିତ ଓ ଅନ୍ତ୍ରଜନିତ ରୋଗ ଦେଖାଯାଇପାରେ । ତେଣୁ ଓଦା ଲିଟର ତୁରନ୍ତ ବଦଳାନ୍ତୁ ଓ କୁକୁଡ଼ା ଖାଦ୍ୟକୁ ଶୁଖିଲା ରଖନ୍ତୁ। |

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**